# ଗାଙ୍ଗୁଲିଙ୍କୁ ସ୍ମିଥ୍‌ଙ୍କ ସମର୍ଥନକୁ ସାଉଥ୍ ଆଫ୍ରିକାରେ ବିରୋଧ

ଜୋହାନ୍ସବର୍ଗ,୨୨।୫/ଏଜେନ୍ସି: ଆଇସିସି ସଭାପତି ପଦ ଲାଗି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱ ନେବାକୁ ସାଉଥ୍ ଆଫ୍ରିକା କ୍ରିକେଟ ଡାଇରେକ୍ଟର ଗ୍ରେମ୍ ସ୍ମିଥ୍ ଖୋଲା ସମର୍ଥନ ଦେବାର ଗୋଟିଏ ଦିନ ପରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ସ୍ମିଥ୍‌ଙ୍କ ସମର୍ଥନକୁ ସାଉଥ୍ ଆଫ୍ରିକା କ୍ରିକେଟ ବୋର୍ଡ ସଭାପତି କ୍ରିସ୍ ନେଞ୍ଜାନି ବିରୋଧ କରିଛନ୍ତି। ତାଙ୍କ ମତରେ ଆମେ ସ୍ମିଥଙ୍କ ମତକୁ ଯଥେଷ୍ଟ ସମ୍ମାନ ଦେଉଛୁ। କିନ୍ତୁ ଆଇସିସି ଚେୟାରମ୍ୟାନ୍ ପଦବୀ ଲାଗି ପ୍ରାର୍ଥୀ ଘୋଷଣା ହୋଇ ନଥିଲାବେଳେ ଆମେ ସମର୍ଥନ ଦେବା ନେଇ ପରେ ସ୍ଥିର ନିଷ୍ପତ୍ତି ହେବ। ଏହା ଏକ ବିଧିବଦ୍ଧ ପ୍ରକ୍ରିୟା। ଆମେ ଉଭୟ ଆଇସିସି ପ୍ରୋଟୋକଲ ଓ ଆମ ନିଜର ପ୍ରୋଟୋକଲକୁ ସମ୍ମାନ ଦେବା ଉଚିତ ବୋଲି ନେଞ୍ଜାନି କହିଛନ୍ତି। ଥରେ ପ୍ରାର୍ଥିପତ୍ର ଦାଖଲ ହେବା ପରେ ଆମେ କାହାକୁ ସମର୍ଥନ ଦେବୁ ତାହା ସ୍ଥିର ହେବ। ଏଣୁ ଆଗୁଆ କିଛି କହିବା ସମ୍ଭବ ନୁହେଁ। ବର୍ତ୍ତମାନ ଆଇସିସି ଚେୟାରମ୍ୟାନ୍ ଥିବା ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବ। କିନ୍ତୁ ଏହା ଆଉ ଦୁଇ ମାସ ବୃଦ୍ଧି ପାଇବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ ଯେ ଦିନକ ପୂର୍ବରୁ ସ୍ମିଥ୍ କହିଥିଲେ ଯେ ଆଇସିସି ନେତୃତ୍ୱ ନେବାକୁ ସୌରଭ ଗାଙ୍ଗୁଲି ହେଉଛନ୍ତି ଯୋଗ୍ୟତମ। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ କ୍ରିକେଟ୍‌ର ନେତୃତ୍ୱ ନେବା ଭଳି ଦକ୍ଷତା ତାଙ୍କର ରହିଛି। ଏଣୁ ତାଙ୍କୁ ଆମେ ସମର୍ଥନ କରିବୁ ବୋଲି ସାଉଥ୍ ଆଫ୍ରିକା ଡାଇରେକ୍ଟର ଅଫ କ୍ରିକେଟ ଗ୍ରେମ୍ ସ୍ମିଥ୍ କହିଥିଲେ। ତାଙ୍କୁ ମଧ୍ୟ ସାଉଥ୍ ଆଫ୍ରିକା କ୍ରିକେଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଜ୍ୟାକ୍ ଫଲ ସମର୍ଥନ କରିଥିଲେ। କିନ୍ତୁ ନେଞ୍ଜାନିଙ୍କ ବିରୋଧ ପରେ ଏହାର ଗୁରୁତ୍ୱ କମିଯାଇଛି।

Sat, May 23, 2020
http://odishanewsnitidin.com